ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ

ବନାମ

ଏଲମଟ ଇଞ୍ଜିନିୟରିଂ କମ୍ପାନୀ ଏବଂ ଅନ୍ୟମାନେ

ଏପ୍ରିଲ 27, 1994

[ଏମ. ଏନ. ଭେଙ୍କଟଚାଲିଆ, ମୁଖ୍ୟ ନ୍ୟାୟମୂର୍ତ୍ତି ଏବଂ ଏସ. ମୋହନ, ନ୍ୟାୟମୂର୍ତ୍ତି]

*କମ୍ପାନୀ ଅଧିନିୟମ, 1956: ଧାରା 446- କମ୍ପାନୀ- ବିରୁଦ୍ଧରେ ମକଦ୍ଦମା- ମାଲିକାନା ଦଲିଲ ଜମା କରି ବନ୍ଧକଦାତା ଦ୍ୱାରା ନ୍ୟାୟସଙ୍ଗତ ବନ୍ଧକ ଅଧୀନରେ ଅର୍ଥର ଅସୁଲି ପାଇଁ- କମ୍ପାନୀକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି- ଦେୱାନୀ ଅଦାଲତରେ କମ୍ପାନୀ ବିରୁଦ୍ଧରେ ମକଦ୍ଦମା ଚଳାଇବାକୁ ମଞ୍ଜୁରୀ ପାଇଁ ବନ୍ଧକଦାତାଙ୍କ ଦ୍ୱାରା ଆବେଦନ- ମାମଲାଗୁଡ଼ିକୁ ନିଜ ନିକଟକୁ ସ୍ଥାନାନ୍ତର କରିବା ପାଇଁ କମ୍ପାନୀ ନ୍ୟାୟାଳୟ ଦ୍ୱାରା ଅନୁମତି ପ୍ରଦାନ- କୁହାଗଲା, ମାମଲାଗୁଡ଼ିକୁ କମ୍ପାନୀ ନ୍ୟାୟାଳୟକୁ ସ୍ଥାନାନ୍ତର କରିବା ଦ୍ୱାରା ବାଦୀଙ୍କ ପକ୍ଷରେ ଅଧିକ ଖର୍ଚ୍ଚ ହେବ- ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଆଦେଶର ଉକ୍ତ ଅଂଶକୁ ରଦ୍ଦ କରାଯାଇଛି ।*

ଆବେଦନକାରୀ ବ୍ୟାଙ୍କ ପ୍ରତିବାଦୀ ସଂଖ୍ୟା 1, ଏକ ଲିମିଟେଡ୍ କମ୍ପାନୀ ଏବଂ ଏହାର ପରାମର୍ଶଦାତା ଏବଂ ନିର୍ଦ୍ଦେଶକ, ଯଥାକ୍ରମେ ପ୍ରତିବାଦୀ ସଂଖ୍ୟା 3 ଏବଂ 4 ଙ୍କ ବିରୁଦ୍ଧରେ ଦୁଇଟି ମକଦ୍ଦମା ଦାୟର କରିଥିଲା - ଗୋଟିଏ ପ୍ରବର୍ତ୍ତନ ପାଇଁ କିମ୍ବା ସୁଧ ସମେତ ନିର୍ଦ୍ଦିଷ୍ଟ ପରିମାଣର ଅସୁଲି ଲୋଡ଼ି ନ୍ୟାୟସଙ୍ଗତ ବନ୍ଧକ ପାଇଁ ଏବଂ, ଦେୟ ପ୍ରଦାନ କରିବାରେ ଖିଲାପ ହେଲେ, ବନ୍ଧକ ସମ୍ପତ୍ତିର ବିକ୍ରୟ ଏବଂ ଆନୁଷଙ୍ଗିକ ଆଶ୍ୱସ୍ତି ପାଇଁ ନିର୍ଦ୍ଦେଶ ଦେବା ପାଇଁ ଏକ ଅନ୍ତିମ ଡିକ୍ରି ଯାଚ଼ନା କରାଯାଇଥିଲା; ଏବଂ ଅନ୍ୟଟି, ସେହି ସମ୍ପତ୍ତି ସମ୍ବନ୍ଧରେ ସମୟ ସମୟରେ ହୋଇଥିବା ଖର୍ଚ୍ଚର ଅସୁଲି ପାଇଁ- ଆନ୍ଧ୍ର ପ୍ରଦେଶର ରଙ୍ଗାରେଡ୍ଡି ଜିଲ୍ଲା, ସରୂର ନଗର ଅନ୍ତର୍ଗତ ଅଧସ୍ତନ ବିଚାରପତିଙ୍କ ନ୍ୟାୟାଳୟରେ, ଯାହାଙ୍କ କ୍ଷେତ୍ରାଧିକାରିତା ମଧ୍ୟରେ ସମ୍ପତ୍ତିଟି ଅବସ୍ଥିତ ଥିଲା ।

ମାମଲାଗୁଡ଼ିକର ବିଚାରଧୀନତା ସମୟରେ, ବମ୍ବେ ଉଚ୍ଚ ନ୍ୟାୟାଳୟରେ ପ୍ରତିବାଦୀ ସଂଖ୍ୟା 1 ଙ୍କ ବିରୁଦ୍ଧରେ ଏକ ପରିସମାପନ ଆବେଦନ ଦାଖଲ କରାଯାଇଥିଲା । କମ୍ପାନୀକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ପ୍ରତିବାଦୀ ସଂଖ୍ୟା 2 ଙ୍କୁ ସରକାରୀ ସମାପକ ଭାବରେ ନିଯୁକ୍ତ କରାଯାଇଥିଲା ।

ଆବେଦନକାରୀ କମ୍ପାନୀ ଆବେଦନରେ କମ୍ପାନୀ ଅଧିନିୟମ, 1956 ର ଧାରା 446 ଅଧୀନରେ, ସମ୍ପୃକ୍ତ ଦେୱାନୀ ନ୍ୟାୟାଳୟରେ ଦୁଇଟି ମକଦ୍ଦମା ଦାୟର କରିବାକୁ ଅନୁମତି ପାଇଁ ଏକ କମ୍ପାନୀ ଆବେଦନ ଦାଖଲ କରିଥିଲେ । କମ୍ପାନୀ ନ୍ୟାୟାଳୟ ମଞ୍ଜୁରୀ ପ୍ରଦାନ କରିଥିଲେ କିନ୍ତୁ ମକଦ୍ଦମାଗୁଡ଼ିକୁ ତା' ନିଜ ନିକଟକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ, ଯେଉଁଥିରେ କୁହାଯାଇଥିଲା ଯେ ସରକାରୀ ସମାପକଙ୍କ ପାଇଁ ସୁଦୂର ହାଇଦ୍ରାବାଦରେ ମକଦ୍ଦମାଗୁଡ଼ିକର ପ୍ରତିରକ୍ଷା କରିବା ଅଧିକ ବ୍ୟୟବହୁଳ ହେବ ଏବଂ ସ୍ଥାନାନ୍ତର ଦ୍ୱାରା ଅପବ୍ୟୟ ଖର୍ଚ୍ଚକୁ ଏଡ଼ାଯାଇପାରିବ । ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ସରାସରି ଭାବେ ଖାରଜ କରାଯାଇଥିଲା ।

ଏହି ନ୍ୟାୟାଳୟକୁ କରିଥିବା ଆବେଦନରେ, ଆବେଦନକାରୀଙ୍କ ତରଫରୁ ଏହା ଯୁକ୍ତି କରାଯାଇଥିଲା ଯେ କମ୍ପାନୀ ଅଧିନିୟମର ଧାରା 446 କୁ ସଠିକ୍ ଭାବରେ ମୂଲ୍ୟାୟନ ନ କରି ଉଚ୍ଚ ନ୍ୟାୟାଳୟ ଭୁଲ କରିଛନ୍ତି, ଯେହେତୁ ଏକ ନ୍ୟାୟସଙ୍ଗତ ବନ୍ଧକ ଅଧୀନରେ ଦାବି କରୁଥିବା ଜଣେ ସୁରକ୍ଷିତ ଋଣଦାତା ପରିସମାପନ ପ୍ରକ୍ରିୟାର ବାହାରେ ଥିଲେ; ସମ୍ପତ୍ତିଗୁଡ଼ିକ ଯେହେତୁ ଆନ୍ଧ୍ର ପ୍ରଦେଶରେ ଅବସ୍ଥିତ ସେଠାରେ ମୋକଦ୍ଦମା ପରିଚାଳନା କେବଳ ନ୍ୟାୟସଙ୍ଗତ ଏବଂ ସୁବିଧାଜନକ ନୁହେଁ, ବରଂ ଉପଯୁକ୍ତ ମଧ୍ୟ ହେବ ଏବଂ କେବଳ ସରକାରୀ ସମାପକଙ୍କ ସୁବିଧା ଚିନ୍ତାର ବିଷୟ ହେବା ଉଚିତ ନୁହେଁ ।

ପ୍ରତିବାଦୀମାନଙ୍କ ତରଫରୁ, ଏହା ଯୁକ୍ତି କରାଯାଇଥିଲା ଯେ ଅଧିନିୟମର ଧାରା 446 ର ଉପ-ଦଫା (2) ଏବଂ (3) ଦୃଷ୍ଟିରୁ, କମ୍ପାନୀ ନ୍ୟାୟାଳୟ ଏପରି ନିବନ୍ଧନ ଓ ସର୍ତ୍ତାବଳୀ ଉପରେ ଅନୁମତି ମଞ୍ଜୁର କରିବାକୁ ହକଦାର ଥିଲେ ଯାହା ଏହା ଲାଗୁ କରିବେ ଏବଂ କମ୍ପାନୀର ବ୍ୟାପାରକୁ ଶୀଘ୍ର ସମାପ୍ତ କରିବା ପାଇଁ ସୁବିଧାଜନକ କରିବାକୁ କମ୍ପାନୀ ବିରୁଦ୍ଧରେ ବିଭିନ୍ନ ସ୍ଥାନରେ ବିଚାରାଧୀନ ସମସ୍ତ କାର୍ଯ୍ୟାନୁଷ୍ଠାନଗୁଡ଼ିକୁ ସ୍ଥାନାନ୍ତର କରିବାକୁ କ୍ଷମତାପ୍ରାପ୍ତ ଥିଲେ ।

ଆଂଶିକ ଭାବରେ ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

କହିଲେ: ତତ୍କାଳୀନ ମାମଲାର ତଥ୍ୟରେ, ବମ୍ବେ ଉଚ୍ଚ ନ୍ୟାୟାଳୟକୁ ମକଦ୍ଦମାଗୁଡ଼ିକର ସ୍ଥାନାନ୍ତର ଆଦେଶକୁ ସମର୍ଥନ କରାଯାଇପାରିବ ନାହିଁ । ଆବେଦନକାରୀ ସ୍ୱୀକାର୍ଯ୍ୟ ଭାବେ ଏକ ସୁରକ୍ଷିତ ଋଣଦାତା । ଏହା ମାଲିକାନା ଦଲିଲ ଜମା କରିବାପୂର୍ବକ ଏକ ବନ୍ଧକ ଉପରେ ମକଦ୍ଦମା ଦାୟର କରିଛି । ଏପରି ଏକ ମକଦ୍ଦମାରେ ଏକ ଦୀର୍ଘକାଳୀନ ବିଚାରଣ ସମ୍ପୃକ୍ତ ହେବାର ସମ୍ଭାବନା ନାହିଁ । ଏହି ସ୍ଥାନାନ୍ତର ଫଳରେ ଆବେଦନକାରୀ ବ୍ୟାଙ୍କକୁ ଅଧିକ ଖର୍ଚ୍ଚ ପଡ଼ିବ, ଯାହା ନିଶ୍ଚିତ ଭାବେ ସରକାରୀ ସମାପକଙ୍କୁ "ଅପବ୍ୟୟୀ ଖର୍ଚ୍ଚଠା'ରୁ" ଏଡ଼ାଇଯାଇପାରିବ । ତଦନୁସାରେ, ସ୍ଥାନାନ୍ତର ନିର୍ଦ୍ଦେଶ ଦେଉଥିବା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶର ଉକ୍ତ ଅଂଶକୁ ରଦ୍ଦ କରାଯାଇଛି ।

*ଏମ. କେ.* ରଙ୍ଗନାଥନ *ବନାମ ମାଡ୍ରାସ ସରକାର,* ଏଆଇଆର (1955) ଏସସି 604, ଉପରେ ନିର୍ଭର କରାଯାଇଛି ।

*ସୁଦର୍ଶନ ଚିଟ୍ସ (I) ଲିମିଟେଡ୍* ବନାମ *ଜି. ସୁକୁମାରନ* ପିଲ୍ଲାଇ, ଏଆଇଆର (1984) ଏସସି 1579, ଉଲ୍ଲେଖ କରାଯାଇଛି ।

*ପାଲମରଙ୍କ କମ୍ପାନୀ ପ୍ରିସିଡେଣ୍ଟସ,* ଦ୍ୱିତୀୟ ଭାଗ, 17ତମ ସଂସ୍କରଣ, ପୃ.302, ଉଲ୍ଲେଖ କରାଯାଇଛି ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 3911/1994

ଏ. ସଂଖ୍ୟା 428/1992 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ତା 15.9.92 ରିଖର ରାୟ ତଥା ଆଦେଶରୁ

ଆବେଦନକାରୀମାନଙ୍କ ତରଫରୁ ଅନିଲ ବି. ଦିୱାନ, ପି. ଏଚ. ପାରେଖ ଏବଂ ସୁଶ୍ରୀ ସ୍ମୃତି ମିଶ୍ର ।

ପ୍ରତିବାଦୀମାନଙ୍କ ତରଫରୁ ଅରବିନ୍ଦ କୁମାର, କେ. ଆର. ଭେଙ୍କଟରମଣ ଏବଂ ସୁଶ୍ରୀ ଲକ୍ଷ୍ମୀ ଅରବିନ୍ଦ ।

ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ,

ମୋହନ, ନ୍ୟାୟମୂର୍ତ୍ତି । ଅନୁମତି ମଞ୍ଜୁର କରାଗଲା ।

ଆବେଦନକାରୀ ଆନ୍ଧ୍ରପ୍ରଦେଶର ସରୁର ନଗରସ୍ଥିତ ରଙ୍ଗାରେଡ୍ଡି ଜିଲ୍ଲାର ଅଧସ୍ତନ ବିଚାରପତିଙ୍କ ନ୍ୟାୟାଳୟରେ ପ୍ରତିବାଦୀ ସଂଖ୍ୟା 1, 3 ଏବଂ 4 ଙ୍କ ବିରୁଦ୍ଧରେ ସୁଧ ସମେତ 97, 21, 274.11 ଟଙ୍କାର ଅସୁଲି ପାଇଁ ଏକ ମକଦ୍ଦମା ଓ.ଏସ. 7/1986 ଦାୟର କରିଥିଲେ । ପୁନଶ୍ଚ ପ୍ରାର୍ଥନା ଥିଲା, ଦେୟ ପ୍ରଦାନରେ ଖିଲାପ ହେଲେ ବନ୍ଧକ ସମ୍ପତ୍ତିର ବିକ୍ରୟ ଏବଂ ଆନୁଷଙ୍ଗିକ ଆଶ୍ୱସ୍ତି ପାଇଁ ନିର୍ଦ୍ଦେଶ ଦେଇ ଏକ ଅନ୍ତିମ ଡିକ୍ରି ପାରିତ କରାଯାଇପାରେ । ବାଦପତ୍ରରେ ଦୃଢ଼ୋକ୍ତିଗୁଡ଼ିକୁ ସଂକ୍ଷେପରେ ନିମ୍ନରେ ଦିଆଗଲା:

ପ୍ରଥମ ପ୍ରତିବାଦୀ ଏକ ଲିମିଟେଡ୍ କମ୍ପାନୀ ଅଟେ, ତୃତୀୟ ଏବଂ ଚତୁର୍ଥ ପ୍ରତିବାଦୀ ଯଥାକ୍ରମେ ପ୍ରଥମ ପ୍ରତିବାଦୀ କମ୍ପାନୀର ପରାମର୍ଶଦାତା ଏବଂ ନିର୍ଦ୍ଦେଶକ ଅଟନ୍ତି । ପ୍ରଥମ ପ୍ରତିବାଦୀ ଆବେଦନକାରୀଙ୍କ ନିକଟରେ ନାଚାରାମ ତହସିଲ, ଜିଲ୍ଲା ହାଇଦ୍ରାବାଦ (ବର୍ତ୍ତମାନ ରଙ୍ଗାରେଡ୍ଡି ଜିଲ୍ଲା) ଶିଳ୍ପ ବିକାଶ କ୍ଷେତ୍ରର ଋଣପ୍ରାପ୍ତ ସମ୍ପତ୍ତି ସମ୍ପର୍କିତ ମାଲିକାନା ସମ୍ବନ୍ଧୀୟ ଦଲିଲଗୁଡ଼ିକୁ, ସେଗୁଡ଼ିକରେ ଅନ୍ତର୍ଭୁକ୍ତ ସମସ୍ତ ସଂରଚନା ଏବଂ କୋଠା ସହିତ ଅଚଳ ସମ୍ପତ୍ତିର ଏକ ନ୍ୟାୟସଙ୍ଗତ ବନ୍ଧକ ସୃଷ୍ଟି କରିବା ଉଦ୍ଦେଶ୍ୟରେ, ଜମା କରିଥିଲେ ।

6.10.76 ରେ, ତୃତୀୟ ଏବଂ ଚତୁର୍ଥ ପ୍ରତିବାଦୀ ପରିମାଣର ପରିଶୋଧର ପ୍ରତ୍ୟାଭୂତି ଦେଇ ପ୍ରଥମ ପ୍ରତିବାଦୀଙ୍କୁ ଦିଆଯାଇଥିବା ସୁବିଧା ସମ୍ବନ୍ଧରେ ପୃଥକ ପ୍ରତ୍ୟାଭୂତି ନିଷ୍ପାଦିତ କରିଥିଲେ । 20.1.84 ରେ, ନିର୍ଦ୍ଦେଶକମାନଙ୍କ ମଧ୍ୟରୁ ଜଣେ ଘୋଷଣା କରିଥିଲେ ଯେ ନ୍ୟାୟସଙ୍ଗତ ବନ୍ଧକ ମଧ୍ୟ ଆବେଦନକାରୀଙ୍କ ଦ୍ୱାରା ତା 6.10.75 ରିଖ ମାଲିକାନା ପତ୍ର ଜମା ଦ୍ୱାରା ପ୍ରଥମ ପ୍ରତିବାଦୀ ଅନୁମତି ଦିଆଯାଇଥିବା ଋଣପତ୍ର, ନୂତନ ପାଣ୍ଠି ଯୋଗାଣଯୁକ୍ତ ମିଆଦି ଋଣ, ପ୍ରତ୍ୟାଭୂତି ସୀମିତ ଏବଂ ଅନ୍ୟାନ୍ୟ ସୁବିଧା ପାଇଁ ସୁରକ୍ଷା ସୃଷ୍ଟି କରିପାରିବ । ଏହି ସମ୍ବନ୍ଧରେ ମୂଲ୍ୟ ପଞ୍ଜୀକରଣ ପାଇଁ ବମ୍ବେରେ ମହାରାଷ୍ଟ୍ର କମ୍ପାନୀ ନିବନ୍ଧକଙ୍କ ସମ୍ମୁଖରେ ଆବଶ୍ୟକ ଫର୍ମଗୁଡିକ ଦାଖଲ କରାଯାଇଥିଲା ।

ବିଭିନ୍ନ ଶୀର୍ଷକ/ଋଣ ସୁବିଧା ଅଧୀନରେ ରାଶି ସୁରକ୍ଷିତ କରିବା ପାଇଁ ପ୍ରଥମ ପ୍ରତିବାଦୀ 17.8.79 ରେ ଆବେଦନକାରୀଙ୍କ ସୁନ୍ଦରନଗର ଶାଖା, ବମ୍ବେ ସହିତ ପ୍ରଥମ ପ୍ରତିବାଦୀର କୋଠାର ପ୍ରଥମ ମହଲା ସମ୍ବନ୍ଧରେ ବିକ୍ରୟ ପାଇଁ ଏକ ରାଜିନାମା ଜମା କରିଥିଲେ । ପ୍ରଥମ ପ୍ରତିବାଦୀ ଅନୁରୋଧ କରିଥିଲେ ଯେ ଏହାର ଖାତାକୁ ବମ୍ବେ ସୁନ୍ଦରନଗର ଶାଖାରୁ ଆବେଦନକାରୀଙ୍କ ହାଇଦ୍ରାବାଦ ମୁଖ୍ୟ ଶାଖାକୁ ସ୍ଥାନାନ୍ତର କରାଯାଉ ।

ଆବେଦନକାରୀଙ୍କଠା'ରୁ ଉକ୍ତ ସମ୍ପତ୍ତି ସମ୍ବନ୍ଧରେ ସମୟ ସମୟରେ ହେଉଥିବା 58,783.25 ଟଙ୍କାର ବ୍ୟୟ ଅର୍ଥରାଶି ଆଦାୟ ପାଇଁ ଆବେଦନକାରୀଙ୍କ ଦ୍ୱାରା ଓ. ଏସ. ସଂଖ୍ୟା 507/1989 ଦାଖଲ କରାଯାଇଥିଲା । ଉଭୟ ମାମଲା ବିଚାରାଧୀନ ରହିଛି ।

ପ୍ରିମିୟମ ଅଟୋମୋବାଇଲ ଲିମିଟେଡ୍ ବମ୍ବେ ଉଚ୍ଚ ନ୍ୟାୟାଳୟରେ କମ୍ପାନୀ ଆବେଦନ ସଂଖ୍ୟା 645/1988 ରେ ପ୍ରଥମ ପ୍ରତିବାଦୀଙ୍କ ବିରୁଦ୍ଧରେ ଏକ ପରିସମାପ୍ତି ଆବେଦନ ଦାଖଲ କରିଥିଲା । ପ୍ରଥମ ପ୍ରତିବାଦୀଙ୍କୁ ତା 23.6.90 ରିଖର ଏକ ଆଦେଶ ଦ୍ୱାରା ସମାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଜଣେ ସରକାରୀ ସମାପକ (ପ୍ରତିବାଦୀ ସଂଖ୍ୟା 2) କମ୍ପାନୀର ସମାପକ ଭାବରେ ନିଯୁକ୍ତ ହୋଇଥିଲେ । 23.7.90 ରେ ସରକାରୀ ସମାପକଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଆବେଦନକାରୀ ଏହି ଦୁଇଟି ମକଦ୍ଦମାର ବିଚାରଧୀନତାକୁ ସରକାରୀ ସମାପକଙ୍କ ଦୃଷ୍ଟିକୁ ଆଣିଥିଲେ ।

ଆବେଦନକାରୀ କମ୍ପାନୀ ଅଧିନିୟମର(ଏହା ପରେ ଅଧିନିୟମ ଭାବରେ ସୂଚିତ) ଧାରା 446 ଅଧୀନରେ ଉପରୋକ୍ତ କମ୍ପାନୀ ଆବେଦନରେ କମ୍ପାନୀ ଆବେଦନ ସଂଖ୍ୟା 229/1991 ଦାଖଲ କରିଥିଲେ । ଆବେଦନରେ ଦୃଢ଼ ଅନୁରୋଧ ଥିଲା ଯେ ଦୁଇଟି ମୂଳ ମକଦ୍ଦମା ସଂଖ୍ୟା 7/1986 ଏବଂ 507/1989 ଉପରେ ମକଦ୍ଦମା ଚଳାଇବା ପାଇଁ ଅନୁମତି ପାଇଁ ସରୁର ନଗରରେ ଅତିରିକ୍ତ ଅଧସ୍ତନ ବିଚାରପତି, ରଙ୍ଗାରେଡ୍ଡି ଜିଲ୍ଲାଙ୍କ ନଥିରେ ବିଚାରାଧୀନ ଥିଲା ।  ଆବେଦନକାରୀଙ୍କ କହିବାନୁଯାୟୀ, ଯେହେତୁ ସମ୍ପତ୍ତିଗୁଡ଼ିକ ରଙ୍ଗାରେଡ୍ଡି ଜିଲ୍ଲାରେ ଅବସ୍ଥିତ, ତେଣୁ ହାଇଦ୍ରାବାଦରେ ମକଦ୍ଦମା ଦାୟର କରିବା ନ୍ୟାୟସଙ୍ଗତ ଏବଂ ସୁବିଧାଜନକ ହେବ ।

26.3.92 ରେ, ମାନ୍ୟବର ଏକକ ବିଚାରପତି ଦୁଇଟି ମକଦ୍ଦମାକୁ ବମ୍ବେ ଉଚ୍ଚ ନ୍ୟାୟାଳୟକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇ ଏକ ଆଦେଶ ପାରିତ କରିଥିଲେ । ସେହି ଆଦେଶ ଦ୍ୱାରା ବ୍ୟଥିତ ହୋଇ ଆବେଦନକାରୀଙ୍କ ଦ୍ୱାରା ଆବେଦନ ସଂଖ୍ୟା 428/1992 କୁ ଚୟନ କରାଯାଇଥିଲା । 15.12.1992 ର ଆକ୍ଷେପିତ ଆଦେଶ ଦ୍ୱାରା ଏହାକୁ ସରାସରି ଖାରଜ କରାଯାଇଥିଲା । ତେଣୁ ସ୍ୱତନ୍ତ୍ର ଅନୁମତି ଆବେଦନଟି ।

ଆବେଦନକାରୀଙ୍କ ପାଇଁ ଶ୍ରୀମାନ ଓକିଲ ଶ୍ରୀ ଅନୀଲ ବି. ଦିୱାନ ଉପସ୍ଥାପନ କରିଛନ୍ତି ଯେ ନିମ୍ନ ଅଦାଲତଗୁଡ଼ିକ ଅଧିନିୟମର ଧାରା 446 କୁ ସଠିକ୍ ଭାବରେ ମୂଲ୍ୟାୟନ କରିନାହାଁନ୍ତି । ହାଇଦ୍ରାବାଦରୁ ବମ୍ବେ ସ୍ଥାନାନ୍ତର ଆଦେଶ ଜାରି ହେବାରୁ ଆବେଦନକାରୀ ବ୍ୟଥିତ । ଆନ୍ଧ୍ରପ୍ରଦେଶର ସରୁର ନଗରରେ ଥିବା ରଙ୍ଗାରେଡ୍ଡି ଜିଲ୍ଲାର ଅତିରିକ୍ତ ଅଧସ୍ତନ ବିଚାରପତିଙ୍କ ନ୍ୟାୟାଳୟରେ ସରକାରୀ ସମାପକଙ୍କ ପକ୍ଷ ରଖିବା ଅଧିକ ବ୍ୟୟବହୁଳ ହେବ ବୋଲି ସିଦ୍ଧାନ୍ତଟି ସଠିକ୍ ନୁହେଁ । ସମାନରୂପେ, ସ୍ଥାନାନ୍ତର ଦ୍ୱାରା ଅପବ୍ୟୟକାରୀ ଖର୍ଚ୍ଚକୁ ଏଡ଼ାଯାଇପାରିବ ବୋଲି ସିଦ୍ଧାନ୍ତଟି ମଧ୍ୟ । ଆବେଦନକାରୀଙ୍କ ଭଳି ଜଣେ ସୁରକ୍ଷିତ ଋଣଦାତା *ଏମ.କେ. ରଙ୍ଗନାଥନ* ବନାମ *ମାଡ୍ରାସ ସରକାର* ଏଆଇଆର (1955) ଏସସି 604 ରେ ନିର୍ଦ୍ଧାରିତ ପରିସମାପ୍ତି ପ୍ରକ୍ରିୟା ବାହାରେ ଅଛନ୍ତି । ସର୍ବୋପରି, ଏହା ଏକ ନ୍ୟାୟସଙ୍ଗତ ବନ୍ଧକ ପ୍ରବର୍ତ୍ତନ କରିବା ପାଇଁ ଏକ ମକଦ୍ଦମା । ଏହି ସମ୍ପତ୍ତିଗୁଡ଼ିକ ରଙ୍ଗାରେଡ୍ଡି ଜିଲ୍ଲାରେ ଅବସ୍ଥିତ । ସେଠାରେ ମୋକଦ୍ଦମା ପରିଚାଳନା କରିବା କେବଳ ନ୍ୟାୟସଙ୍ଗତ ଏବଂ ସୁବିଧାଜନକ ହେବ ନାହିଁ, ବରଂ ଉପଯୁକ୍ତ ମଧ୍ୟ ହେବ । କେବଳ ସରକାରୀ ସମାପକଙ୍କ ସୁବିଧା ଚିନ୍ତାର ବିଷୟ ହେବା ଉଚିତ ନୁହେଁ । ତେଣୁ, ଏହା ପ୍ରାର୍ଥନା କରାଯାଇଛି ଯେ ଆଦେଶର କିଛି ଅଂଶକୁ ରଦ୍ଦ କରାଯାଇପାରେ ।

ଏହାକୁ ବିରୋଧ କରି ଶ୍ରୀମାନ ଓକିଲ ଶ୍ରୀ ଅରବିନ୍ଦ କୁମାର ଦୃଢ଼ୋକ୍ତି କରିବେ ଯେ ଏହା ସତ୍ୟ ଯେ ସୁରକ୍ଷିତ ରଣଦାତା ପରିସମାପ୍ତି ପ୍ରକ୍ରିୟା ବାହାରେ ଅଛନ୍ତି । ଏହାର ଅର୍ଥ ନୁହେଁ ଯେ କମ୍ପାନୀ ନ୍ୟାୟାଳୟ ଅଧିନିୟମର ଧାରା 446(2) ଏବଂ (3) ଅନୁଯାୟୀ ଏହାର କ୍ଷେତ୍ରାଧିକାରିତା ହରାଇବ । *ଏମ. କେ. ରଙ୍ଗନାଥନ* (ପୂର୍ବୋକ୍ତ) ରେ ନିର୍ଦ୍ଧାରିତ ଆଇନର ସମୀକ୍ଷା କରାଯିବା ଆବଶ୍ୟକ । ଅଦ୍ୟାନୁସାରେ, ଆଇନ, *ସୁଦର୍ଶନ ଚିଟ୍ସ (I) ଲିମିଟେଡ଼* ବନାମ *ଜି. ସୁକୁମାରନ ପିଲ୍ଲାଇ*, ଏଆଇଆର (1984) ଏସସି 1579 ରେ, ନିର୍ଦ୍ଧାରିତ ନିବନ୍ଧନ ଓ ସର୍ତ୍ତାବଳୀ ଅନୁଯାୟୀ କମ୍ପାନୀ ନ୍ୟାୟାଳୟଙ୍କ ଅନୁମତି ମଞ୍ଜୁର କରିବାର ଅଧିକାର ରହିଛି, ଯେଉଁଥିରେ ସରକାରୀ ସମାପକଙ୍କ ସ୍ୱାର୍ଥ ସର୍ବୋପରି ପୃଷ୍ଠା 162 ବିବେଚନାର ବିଷୟ । ତେଣୁ, ନ୍ୟାୟ ଏବଂ ନିରପେକ୍ଷତା ନିମନ୍ତେ ମୋକଦ୍ଦମାର ସ୍ଥାନାନ୍ତର ଆବଶ୍ୟକ ହେଲେ, ନିମ୍ନ ଅଦାଲତଗୁଡ଼ିକର ଆଦେଶକୁ ତ୍ରୁଟିପୂର୍ଣ୍ଣ କୁହାଯାଇପାରିବ ନାହିଁ । ଅଧିନିୟମର ଧାରା 446 ର ଉପଧାରା (3) ଅଧୀନରେ ସମାପନ ଅଦାଲତଙ୍କ ପାଖରେ କମ୍ପାନୀ ବିରୋଧରେ ବିଭିନ୍ନ ସ୍ଥାନରେ ବିଚାରାଧୀନ ଥିବା ସମସ୍ତ କାର୍ଯ୍ୟାନୁଷ୍ଠାନକୁ ଏହା ସମ୍ମୁଖରେ ସ୍ଥାନାନ୍ତର କରିବାର କ୍ଷମତା ରହିଛି, କାରଣ କମ୍ପାନୀର କାର୍ଯ୍ୟକଳାପକୁ ଶୀଘ୍ର ସମାପ୍ତ କରିବା ପାଇଁ ସମସ୍ତ ମକଦ୍ଦମା ପରିସମାପ୍ତି ନ୍ୟାୟାଳୟକୁ ସ୍ଥାନାନ୍ତର କରିବା ସୁବିଧାଜନକ ।

ଏହି ପ୍ରତିଦ୍ୱନ୍ଦ୍ୱୀ ବିବାଦଗୁଡ଼ିକର ମୂଲ୍ୟାୟନ ପାଇଁ ଆମ୍ଭେ ଧାରା 446 ର ପରିସରକୁ ସଂକ୍ଷେପରେ ଉପସ୍ଥାପିତ କରିବୁ ।

ପାଲମରଙ୍କ *କମ୍ପାନୀ ପ୍ରିସିଡେଣ୍ଟସ*, **ଦ୍ୱିତୀୟ ଭାଗ, 17ତମ ସଂସ୍କରଣ ପୃଷ୍ଠା 302 ରେ କୁହାଯାଇଛି:**

> "ଯେତେବେଳେ ଏକ ପରିସମାପ୍ତି ଆଦେଶ ଦିଆଯାଏ, ନ୍ୟାୟାଳୟ, ଏହାର ଅଧିକାରୀ- ସରକାରୀ ତତ୍ତ୍ୱାବଧାୟକଙ୍କ ଦ୍ୱାରା କାର୍ଯ୍ୟ କରାଇ ସମ୍ପତ୍ତି ଉପରେ ହାତ ରଖି କୁହନ୍ତି, କୌଣସି ରଣଦାତା କିମ୍ବା ଦାବିଦାର ବିଚରାଧୀନ ଏହି ସମ୍ପତ୍ତିଗୁଡ଼ିକୁ ଛୁଇଁବେ ନାହିଁ କିମ୍ବା ପ୍ରଶାସନର ସମୟକ୍ରମେ ନ୍ୟାୟାଳୟ ଦ୍ୱାରା ବଣ୍ଟନ ପାଇଁ ପଦକ୍ଷେପ, ନିଷ୍ପାଦନ କିମ୍ବା ବାଜ୍ୟାପ୍ତି ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ । ଆସ୍ତି ପାଇଁ ଭିଡ଼ାଓଟୋରା ରୋକିବାକୁ ପରିସମାପ୍ତି ଏବଂ ଦେବାଳିଆ ସମୟରେ ଏହି ସୁରକ୍ଷା ସମାନ ଭାବରେ ଅପରିହାର୍ଯ୍ୟ, କିନ୍ତୁ ଏହା ସର୍ବଦା ଯଥେଷ୍ଟ ନୁହେଁ । ଏକ ନିରପେକ୍ଷ ନ୍ୟାୟ ଆବଶ୍ୟକ କରେ ଯେ ସମ୍ପତ୍ତିର ସୁରକ୍ଷା ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ହସ୍ତକ୍ଷେପ କରିବାର କ୍ଷମତା ନ୍ୟାୟାଳୟର ରହିବା ଉଚିତ, ଏବଂ ଏହି କ୍ଷମତା ଏହି ଧାରା ଦ୍ୱାରା ଦିଆଯାଇଛି ।"

କମ୍ପାନୀର ସମ୍ପତ୍ତିକୁ ପରିସମାପନରେ ବ୍ୟର୍ଥ କିମ୍ବା ବ୍ୟୟବହୁଳ ମକଦ୍ଦମାରୁ ସୁରକ୍ଷା ଦେବା ଏହି ଧାରାର ଉଦ୍ଦେଶ୍ୟ ଅଟେ । ଯେତେଦୂର ସେହି ବିଷୟଗୁଡ଼ିକ ଯେଉଁଗୁଡ଼ିକର କମ୍ପାନୀ ନ୍ୟାୟାଳୟ ଦ୍ୱାରା ତ୍ୱରିତ ଏବଂ ଶସ୍ତା ଭାବରେ ନିଷ୍ପତ୍ତି ନିଆଯାଇପାରିବ । ଏହି ଧାରା ଅଧୀନରେ ଅନୁମତି ମଞ୍ଜୁର କରିବା ସମୟରେ ନ୍ୟାୟାଳୟ, ସର୍ବଦା କମ୍ପାନୀ ଅନାବଶ୍ୟକ ମକଦ୍ଦମା ଏବଂ ଖର୍ଚ୍ଚର ସମ୍ମୁଖୀନ ହେବାର ସମ୍ଭାବନା ଅଛି କି ନାହିଁ, ତାହା ବିଚାରକୁ ନିଅନ୍ତି । ସୁରକ୍ଷିତ ରଣଦାତାର ସ୍ଥିତି ଏହି ନ୍ୟାୟାଳୟ ଦ୍ୱାରା *ଏମ. କେ. ରଙ୍ଗନାଥନ* (ପୂର୍ବୋକ୍ତ) ମାମଲାରେ ସ୍ଥିର କରାଯାଇଥିଲା । ପୃଷ୍ଠା 607 ଏବଂ 608 ରେ, ପରିଚ୍ଛେଦ 15 ଏବଂ 16 ରେ ଏହା କୁହାଯାଇଥିଲା:

"ଏକ କମ୍ପାନୀର ପରିସମାପ୍ତିରେ ଏକ ସୁରକ୍ଷିତ ଋଣଦାତାର ସ୍ଥିତି ଲର୍ଡ ରେନବରୀଙ୍କ ଦ୍ୱାରା- *ଫୁଡ୍ କଣ୍ଟ୍ରୋଲର୍* ବନାମ *କକ୍*, 1923 ଏସି 647(A) ରେ ଏହିପରି କୁହାଯାଇଛି:

"'ପରିସମାପନ ବାହାରେ' ବାକ୍ୟାଂଶଟି ଯଦି ବ୍ୟବହାର କରାଯାଏ, ତେବେ ଏହା ଏକ ବୋଧଗମ୍ୟ ବାକ୍ୟାଂଶ, ଯେହେତୁ ଏହା ପ୍ରାୟତଃ, ଏକ ସୁରକ୍ଷିତ ଋଣଦାତାଙ୍କ ସନ୍ଦର୍ଭରେ, ଏକ ବନ୍ଧକ ଗ୍ରହୀତା ବୋଲି କୁହାଯିବ । ପରିସମାପନରେ ଥିବା କମ୍ପାନୀର ବନ୍ଧକଧାରୀ ଏହା କହିବାର ସ୍ଥିତିରେ ଅଛନ୍ତି ଯେ "ବନ୍ଧକ ରଖାଯାଇଥିବା ସମ୍ପତ୍ତି ମୋ ସମ୍ପତ୍ତିର ପରିମାଣ ପର୍ଯ୍ୟନ୍ତ ଅଟେ ।  ମୋର ବନ୍ଧକ ସମାପିତ ହେଉଛି କି ନାହିଁ ତାହା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ । ମୁଁ 'ପରିସମାପନ' ରୁ ବାହାରେ ଅଛି ଏବଂ ବନ୍ଧକ ଭାବରେ ମୋର ଅଧିକାରକୁ କାର୍ଯ୍ୟକାରୀ କରିବି ।" ଏହା ସେହି ମାମଲା ସହିତ ବିପରୀତ ହେବ ଯେଉଁଥିରେ ଏପରି ଜଣେ ଋଣଦାତା ବନ୍ଧକ ଗ୍ରହୀତା ଭାବରେ ନୁହେଁ, ବରଂ ଜଣେ ଋଣଦାତା ଭାବରେ ତାଙ୍କ ଅଧିକାର ଦାବି କରିବାକୁ ପସନ୍ଦ କରନ୍ତି । ଯଦି ଏ'ପରି, ତେବେ ସେ ପରିସମାପ୍ତି ଭିତରକୁ ଆସନ୍ତି "।

ପାଲମରଙ୍କ *କମ୍ପାନୀ ପ୍ରିସିଡେଣ୍ଟସ*, ଦ୍ୱିତୀୟ ଖଣ୍ଡ ପୃ. 415 ରେ ମଧ୍ୟ ଏହାର ସାରାଂଶ ଦିଆଯାଇଛି:

"ବେଳେବେଳେ ବନ୍ଧକ ଗ୍ରହୀତା ବନ୍ଧକ ଦ୍ୱାରା ତାଙ୍କ ଉପରେ ନ୍ୟସ୍ତ ବିକ୍ରୟ କ୍ଷମତାକୁ ପ୍ରୟୋଗ କରି ସମାପକଙ୍କ ସହମତି ସହିତ କିମ୍ବା ବିନା ବିକ୍ରି କରନ୍ତି । ବିକ୍ରୟ କ୍ଷମତା ପ୍ରୟୋଗ କରିବା ପାଇଁ ସ୍ୱାଧୀନତା ହାସଲ କରିବା ଆବଶ୍ୟକ ନୁହେଁ, ଯଦିଓ ଏପରି ସ୍ୱାଧୀନତା ଦେଇ ସମୟେ ସମୟେ ଆଦେଶ ଦିଆଯାଇଛି ।"

ସୁରକ୍ଷିତ ଋଣଦାତା ଏହିପରି ପରିସମାପ୍ତି ବାହାରେ ଅଛନ୍ତି ଏବଂ ପରିସମାପ୍ତି ନ୍ୟାୟାଳୟଙ୍କ ଅନୁମତି ବିନା ତାଙ୍କ ସୁରକ୍ଷା ନେଇପାରିବେ, ଯଦିଓ ଯଦି ସେ ଏକ ମକଦ୍ଦମା ଦାୟର କରନ୍ତି କିମ୍ବା ତାଙ୍କ ସୁରକ୍ଷା ପ୍ରାପ୍ତି ପାଇଁ ଅନ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି, ତେବେ ସେ ଏହା କରିବା ପୂର୍ବରୁ ପରିସମାପ୍ତି ନ୍ୟାୟାଳୟଙ୍କ ଅନୁମତି ପ୍ରାପ୍ତ କରିବାକୁ ଧାରା 231 (ଭାରତୀୟ କମ୍ପାନୀ ଅଧିନିୟମର ଧାରା 171 ର ଅନୁରୂପ) ଅଧୀନରେ ବାଧ୍ୟ । ଯଦିଓ ଏପରି ଅନୁମତି ପ୍ରାୟ ସ୍ୱୟଂଚାଳିତ ଭାବରେ ମଞ୍ଜୁର ହେବ ।

ଧାରା-231 କୁ ଧାରା-228(1) ସହିତ ଏକତ୍ର ପଢ଼ାଯାଇଛି ଏବଂ ପରବର୍ତ୍ତୀ ସମୟରେ ସୂଚିତ ହୋଇଥିବା କୋରଖ, ବାଜ୍ୟାପ୍ତୀକରଣ, ଜବତ କିମ୍ବା ନିଷ୍ପାଦନ ନ୍ୟାୟାଳୟ ମାଧ୍ୟମରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ ଉଲ୍ଲେଖ ରହିଛି ଏବଂ ଯଦି ଋଣଦାତା ସେହି କାର୍ଯ୍ୟାନୁଷ୍ଠାନର ଆଶ୍ରୟ ନେଇଛନ୍ତି, ତେବେ ସେ ସେଗୁଡ଼ିକୁ ପରିସମାପ୍ତି ନ୍ୟାୟାଳୟ ଅନୁମତି ବିନା ପରିସମାପ୍ତି ଆରମ୍ଭ ହେବା ପରେ କମ୍ପାନୀର ସମ୍ପତ୍ତି କିମ୍ବା ପ୍ରଭାବ ବିରୁଦ୍ଧରେ ବଳବତ୍ତର କରିପାରିବେ ନାହିଁ ।

ଧାରା 317 ର ବ୍ୟବସ୍ଥାଗୁଡ଼ିକ ଧାରା 211 ର ବ୍ୟବସ୍ଥାଗୁଡ଼ିକର ପରିପୂରକ ଅଟେ ଏବଂ ସୁରକ୍ଷିତ ଋଣଦାତାର ସ୍ଥିତିକୁ ପରିସମାପ୍ତି ବାହାରେ ଥିବା ଉପରେ ଗୁରୁତ୍ୱ ଦିଏ, ଦ୍ୱିତୀୟ ଋଣଦାତା, ସେହି ଅଧିକାର ଏବଂ ସୁବିଧାଗୁଡ଼ିକର ପ୍ରୟୋଗ ସମ୍ବନ୍ଧରେ, ଦେବାଳିଆ ଅଧିନିୟମ ଅନୁଯାୟୀ ସେ ଯେଉଁ ସ୍ଥିତିରେ ରହିବେ, ସେହିପରି ରହିବେ ।

ଭାରତୀୟ କମ୍ପାନୀ ଅଧିନିୟମର ଅନୁରୂପ ବ୍ୟବସ୍ଥାଗୁଡ଼ିକ ଇଂରାଜୀ କମ୍ପାନୀ ଅଧିନିୟମରୁ ପ୍ରାୟ ସ୍ଥୁଳଭାବେ ଅନ୍ତର୍ଭୁକ୍ତ ହୋଇଛି ଏବଂ ଯଦି ଆଉ କିଛି ନଥା'ନ୍ତା, ତେବେ ଏଠାରେ ଇଂଲଣ୍ଡରେ ପ୍ରାପ୍ତ କରିବା ସଦୃଶ ସୁରକ୍ଷିତ ଋଣଦାତାଙ୍କ ସ୍ଥିତି ମଧ୍ୟ ଏକ ସମାନ ହେବ ଏବଂ ସେ ମଧ୍ୟ ପରିସମାପ୍ତି ବାହାରେ ରହିବେ ଏବଂ ନ୍ୟାୟାଳୟଙ୍କ ହସ୍ତକ୍ଷେପ ବିନା ତାଙ୍କ ଦ୍ୱାରା ବିକ୍ରୟ ବୈଧ ହେବ ଏବଂ ବୈଧ ଭାବରେ ଆପତ୍ତି କରାଯାଇପାରିବ ନାହିଁ ଏବଂ ଭାରତୀୟ କମ୍ପାନୀ ଅଧିନିୟମର ଧାରା 232(1), ଅଧୀନରେ ଅସିଦ୍ଧ ରୂପେ ଆପତ୍ତି କରାଯାଇପାରିବ ନାହିଁ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେହି ମାମଲା ଧାରା 446 ର ପୂର୍ବବର୍ତ୍ତୀ, ଅର୍ଥାତ୍, ଭାରତୀୟ କମ୍ପାନୀ ଅଧିନିୟମ, 1913 ର ଧାରା 171, ସହ ସମ୍ପର୍କିତ ଥିଲା । କିନ୍ତୁ ତାହା ଗୁରୁତ୍ୱପୂର୍ଣ୍ଣ ଅଟେ ।

ଏହି କ୍ଷେତ୍ରରେ ଆବେଦନକାରୀ ସ୍ୱୀକାର୍ଯ୍ୟ ଭାବେ ଜଣେ ସୁରକ୍ଷିତ ଋଣଦାତା । ଏହା ମାଲିକାନା ଦଲିଲ ଜମା ଦ୍ୱାରା ଏକ ବନ୍ଧକ ଉପରେ ମକଦ୍ଦମା ଦାୟର କଡ଼ିଛି । ଏପରି ଏକ ମକଦ୍ଦମାରେ ଏକ ଦୀର୍ଘକାଳୀନ ବିଚାରଣ ସମ୍ପୃକ୍ତ ହେବାର ସମ୍ଭାବନା ନାହିଁ । ଅଧିନିୟମର ଧାରା 446(2) ର ପରିସରକୁ ଦୃଷ୍ଟିରେ ରଖି, ଏହି ନ୍ୟାୟାଳୟ ସୁଦର୍ଶନ ଚିଟ୍ସ (ଆଇ) ଲିମିଟେଡ଼ (ପୂର୍ବୋକ୍ତ), ପୃଷ୍ଠା 1582 ରେ, ଅନୁଚ୍ଛେଦ 10 ରେ ପର୍ଯ୍ୟବେକ୍ଷଣ କରିବାର ସୁଯୋଗ ପାଇଥିଲେ:

"ଧାରା 446 ର ଉପ-ଦଫା (2) ନ୍ୟାୟାଳୟକୁ କ୍ଷେତ୍ରାଧିକାର ପ୍ରଦାନ କରେ ଯାହା ଖଣ୍ଡ (a) ରୁ (d) ରେ ନିର୍ଦ୍ଧାରିତ କାର୍ଯ୍ୟାନୁଷ୍ଠାନକୁ ଗ୍ରହଣ କରିବା ଏବଂ ଫଏସଲା କରିବା ପାଇଁ କମ୍ପାନୀକୁ ବନ୍ଦ କରୁଛି । 'କମ୍ପାନୀକୁ ବନ୍ଦ କରୁଥିବା ଅଦାଲତ' ଅଭିବ୍ୟକ୍ତିଟି ସେହି ଅଦାଲତକୁ ବୁଝାଇବ ଯାହା ସମ୍ମୁଖରେ ଏକ ପରିସମାପ୍ତି ଆବେଦନ ବିଚାରାଧୀନ ଅଛି କିମ୍ବା ଯାହା କମ୍ପାନୀକୁ ବନ୍ଦ କରିବା ପାଇଁ ଏକ ଆଦେଶ ଦେଇଛି ଏବଂ ଏହାର ନିର୍ଦ୍ଦେଶ ଅଧୀନରେ ପରବର୍ତ୍ତୀ ପରିସମାପ୍ତି କାର୍ଯ୍ୟାନୁଷ୍ଠାନ ଜାରି ରହିଛି । ନିଃସନ୍ଦେହରେ, ଧାରା 446 (1) ଏବଂ (2) ର ଭାଷା ଏବଂ ଭାଗ 7 ରେ, ଏହାର ପଟ୍ଟଭୂମିକୁ ଦେଖି ଯାହା କାର୍ଯ୍ୟାନୁଷ୍ଠାନ ସମାପ୍ତ କରିବା ସହିତ ସମ୍ପୃକ୍ତ, ସ୍ପଷ୍ଟ ଭାବରେ ଦର୍ଶାଇବ ଯେ ନ୍ୟାୟାଳୟଙ୍କ କ୍ଷେତ୍ରାଧିକାରିତା ଉପ-ଦଫା (a) ରୁ (d) ରେ ନିର୍ଦ୍ଧାରିତ କାର୍ଯ୍ୟାନୁଷ୍ଠାନକୁ ଗ୍ରହଣ ଏବଂ ଫଏସଲା କରିବାକୁ କମ୍ପାନୀକୁ ବନ୍ଦ କରୁଥିବା ନ୍ୟାୟାଳୟରେ ଆବେଦନ କରାଯାଇପାରିବ ।

ବ୍ୟାପକ ଭାବେ ଆଇନ ପ୍ରଣୟନ କରିବାର ଉଦ୍ଦେଶ୍ୟ ନ ରଖି, କିନ୍ତୁ କେବଳ ଏହି ମାମଲାର ତଥ୍ୟ ମଧ୍ୟରେ ସୀମିତ ରହି, ଆମ୍ଭେ ଅନୁଭବ କରୁଛୁ ଯେ ବମ୍ବେ ଉଚ୍ଚ ନ୍ୟାୟାଳୟକୁ ମକଦ୍ଦମାଗୁଡ଼ିକର ସ୍ଥାନାନ୍ତର

ଆଦେଶକୁ ସମର୍ଥନ କରାଯାଇପାରିବ ନାହିଁ । ଆମ୍ଭେ ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ବଜାୟ ରଖିବାରେ ଅସମର୍ଥ ଅଟୁ ଯେତେବେଳେ ଏହା ମନ୍ତବ୍ୟ ଦେଇଥିଲେ:

"ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ଅନୁଧ୍ୟାନ କରିବା ପରେ, ମୋର ମତ ଏହିକି ଯେ ବହୁ ଦୂରରେ ସ୍ଥିତ ଆନ୍ଧ୍ର ପ୍ରଦେଶର ସରୁର ନଗରରେ ଥିବା ଅତିରିକ୍ତ ଅଧସ୍ତନ ବିଚାରପତି, ରଙ୍ଗାରେଡ୍ଡି ଜିଲ୍ଲା ନ୍ୟାୟାଳୟରେ ପ୍ରତିରକ୍ଷା କରିବା ଅଧିକ ବ୍ୟୟବହୁଳ ହେବ ଯଦି ଉକ୍ତ ମକଦ୍ଦମାଟି ଜାରି ରହେ ଏବଂ ସେଗୁଡ଼ିକୁ ସ୍ଥାନାନ୍ତର କରି ଏହି ନ୍ୟାୟାଳୟରେ ବିଚାରଣ କରାଯାଏ । ଯେହେତୁ ଅପବ୍ୟୟକାରୀ ଖର୍ଚ୍ଚକୁ ଏଡ଼ାଇବାକୁ ପଡିବ ସେଥିପାଇଁ ପ୍ରତିବାଦୀ ସଂଖ୍ୟା 1 ଙ୍କ ସରକାରୀ ସମାପକ ଭାବେ ନିଯୁକ୍ତ ହୋଇଥିବା ସମାପକଙ୍କୁ ସେହି ନ୍ୟାୟାଳୟରେ ଉକ୍ତ ମକଦ୍ଦମାର ପ୍ରତିରକ୍ଷା କରିବାକୁ କୁହାଯିବାଟା ସୁବିଧାଜନକ କିମ୍ବା ଉଚିତ ନୁହେଁ ।

ଏହି ସ୍ଥାନାନ୍ତର ଫଳରେ ଆବେଦନକାରୀ ବ୍ୟାଙ୍କକୁ ଅଧିକ ଖର୍ଚ୍ଚ ପଡ଼ିବ, ଯାହା ସରକାରୀ ସମାପକଙ୍କୁ "ଅପବ୍ୟୟକାରୀ ଖର୍ଚ୍ଚ" ଠାରୁ ନିଶ୍ଚିତ ଭାବେ ଏଡ଼ାଯାଇପାରିବ । ତଦନୁସାରେ ସ୍ଥାନାନ୍ତର ନିର୍ଦ୍ଦେଶଯୁକ୍ତ ଆଦେଶର ଉକ୍ତ ଅଂଶକୁ ରଦ୍ଦ କରାଯାଇଛି । ଆମ୍ଭେ ଏହା ସ୍ପଷ୍ଟ କରୁଛୁ ଯେ ଆମ୍ଭେ ଆବେଦନକାରୀଙ୍କ ସପକ୍ଷରେ ଅନୁମତି ମଞ୍ଜୁର କରିବାରେ ହସ୍ତକ୍ଷେପ କରୁନାହୁଁ । ଉପରୋକ୍ତ ସର୍ତ୍ତାବଳୀରେ ଦେୱାନୀ ଆବେଦନକୁ ଅନୁମତି ଦିଆଯାଉଛି । କୌଣସି ଖର୍ଚ୍ଚ ନାହିଁ ।

ଆର. ପି.

ଆବେଦନକୁ ଅନୁମତି ଦିଆଯାଇଛି ।

**ଅସ୍ବୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**